# ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟାଳୟ, ଦେବୋତ୍ତର, ପାଟଣାଗଡ

ବିଜ୍ଞାପନ ସଂଖ୍ୟା...2158....... ତାରିଖ...30.06.2025

ଏତଦ୍ୱାରା ଏହି ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ସୂଚିତ କରି ଦିଆଯାଉଅଛି ଯେ, ଶ୍ରୀ ଜଗନ୍ନାଥ ମନ୍ଦିର, ମଣ୍ଡଳ ର ସୁପରିଚାଳନା ନିମନ୍ତେ ନିମ୍ନଲିଖିତ ମନ୍ଦିର ସମ୍ପତ୍ତି (ଦେବୋତ୍ତର ଜମି) ଗୁଡିକ ୨୦୨୫-୨୬ ବର୍ଷ ପାଇଁ ଦେବୋତ୍ତର, ପାଟଣାଗଡ ଦ୍ୱାରା ନିଲାମ କରାଯିବ । ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ନିମ୍ନମତେ ଧାର୍ଯ୍ୟ କରାଯାଇ ଥିବା ସରକାରୀ ମୂଲ୍ୟର ୧୦% ରାଶି ଅମାନତ ବାବଦକୁ ଉପଜିଲ୍ଲାପାଳ,ପାଟଣାଗଡ଼ଙ୍କ କାର୍ଯ୍ୟାଳୟ ଠାରେ ଉଦ୍ଦିଷ୍ଟ ଥିବା ଜଉମୁଦ ବାକ୍ସରେ **ତା.୦୧.୦୭.୨୦୨୫ ରୁ ୦୭.୦୭.୨୦୨୫** ମଧ୍ୟରେ ( କେବଳ ସରକାରୀ କାର୍ଯ୍ୟ ଦିବସ ରେ) ଅପରାହ୍ନ ଘ.5.30 ପର୍ଯ୍ୟନ୍ତ ପକାଇ ପାରିବେ ।ଟେଣ୍ଡର ଆବେଦନ ଫର୍ମ ଦେବୋତ୍ତର,ପାଟଣାଗଡ କାର୍ଯ୍ୟାଳୟ ଠାରୁ ପାଇ ପାରିବେ ଏବଂ (balangir.odisha.gov.in) ୱେବସାଇଟ ରୁ ଡାଉନଲୋଡ କରିପାରିବେ। ନିଲାମ ନିମନ୍ତେ ସମସ୍ତ ଦେୟରାଶି କେବଳ **ଡିମାଣ୍ଡ ଡ୍ରାଫ୍ଟ, ବ୍ୟାଙ୍କର୍ସ ଚେକ ଅଥବା ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକରୀ, ଦେବୋତ୍ତର, ପାଟଣାଗଡ଼ଙ୍କ SB A/c No.11263177818 IFSC Code:SBIN0001321 ରେ ଆକାଉଣ୍ଟ ଟ୍ରାନ୍ସଫର** ଆକାରରେ ଗ୍ରହଣ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ଫର୍ମରେ ଟେଣ୍ଡର ପକାଇବା ପାଇଁ ଅମାନତ ଜମା ର **ଡିମାଣ୍ଡ ଡ୍ରାଫ୍ଟ ,ବ୍ୟାଙ୍କର୍ସ ଚେକ ଅଥବା ଡିପୋଜିଟ ସ୍ଲିପ** ଆବେଦନ ଫର୍ମରେ ସଂଲଗ୍ନ କରି ଜଉମୁଦ ବାକ୍ସ ରେ ପକାଇବେ ।ଡିମାଣ୍ଡ ଡ୍ରାଫ୍ଟ,ବ୍ୟାଙ୍କର୍ସ ଚେକ,ବ୍ୟାଙ୍କ ଖାତା ଆବେଦନକାରୀଙ୍କ ନାମରେ ଥିବା ବାଧ୍ୟତାମୂଳକ । ଆବେଦନକାରୀଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତି ନାମରେ ଥିବା ଡିମାଣ୍ଡ ଡ୍ରାଫ୍ଟ ଅଥବା ବ୍ୟାଙ୍କର୍ସ ଚେକ, ଆକାଉଣ୍ଟ ଟ୍ରାନ୍ସଫର ସ୍ୱୀକାର କରାଯିବ ନାହିଁ । ଜଉମୁଦ ବାକ୍ସ ଖୋଲାଯିବା ପରେ ଆବେଦନକାରୀ ମାନେ ଅମାନତ ରାଶିର ପ୍ରାପ୍ତି ସ୍ୱୀକାର ରସିଦ ଦେବୋତ୍ତର କାର୍ଯ୍ୟାଳୟରୁ ଗ୍ରହଣ କରିବେ। ସମସ୍ତ ଜଉମୁଦ ଟେଣ୍ଡର ଗୁଡିକ **ତା.୦୮.୦୭.୨୦୨୫ ଦିବା ଘ.୧୧.୦୦** ସମୟରେ ଉପଜିଲ୍ଲାପାଳ,ପାଟଣାଗଡ଼ଙ୍କ କାର୍ଯ୍ୟାଳୟରେ ଦେବୋତ୍ତର ଉପଦେଷ୍ଟା ବୋର୍ଡ଼ର ସଦସ୍ୟଙ୍କ ଉପସ୍ଥିତିରେ ଖୋଲା ହେବ । ଯେଉଁ ବ୍ୟକ୍ତିମାନେ ଉପରୋକ୍ତ ସଂପତ୍ତିମାନଙ୍କର ନିଲାମ ଡାକରେ ଯୋଗ୍ୟ ବିବେଚିତ ହେବେ ତାଙ୍କର ଅମାନତ ଟଙ୍କା ଶେଷ କିସ୍ତିରେ ଯୋଗ ହେବ ଓ ଅନ୍ୟ ମାନଙ୍କର ଅମାନତ ଟଙ୍କା ଫେରସ୍ତ ହେବ । ନିଲାମ ଗ୍ରହୀତା ସର୍ବମୋଟ ନିଲାମ ରାଶିର ୩୩ % ରାଶି ଆସନ୍ତା **ତା.୧୫.୦୭.୨୦୨୫** ଦିନ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ ନିମ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଜମା ଦେଇ ନିର୍ଦ୍ଧାରିତ ଫର୍ମରେ ଚୁକ୍ତି ସଂପାଦନ କରିବେ । ଉକ୍ତ ଦିନରେ ଚୁକ୍ତିନାମା ସ୍ୱାକ୍ଷର ନ କଲେ ଦ୍ୱିତୀୟ ସର୍ବାଧିକ ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟ ପ୍ରଦର୍ଶନକାରୀଙ୍କୁ ଟେଣ୍ଡର ଦିଆଯିବ ଏବଂ ଚୁକ୍ତିନାମା ସ୍ୱାକ୍ଷର ନ କରିଥିବା ଆବେଦନକାରୀଙ୍କ ଅମାନତ ରାଶିକୁ ଫେରସ୍ତ କରାଯିବ ନାହି ।ନିଲାମ ରାଶିର ଦ୍ୱିତୀୟ କିସ୍ତି ୩୩ % ରାଶି ୩୧.୦୩.୨୦୨୬ ସୁଦ୍ଧା ପଇଠ କରିବେ ଓ ତଦଅନୁସାରେ ଶେଷ କିସ୍ତି ୩୪ % ରାଶି ୩୧.୦୩.୨୦୨୭ ସୁଦ୍ଧା ପଇଠ କରିବେ । ନିର୍ଦ୍ଧାରିତ ସମୟରେ ନିଲାମ ରାଶି ପଇଠ ନକଲେ ଅମାନତ ଟଙ୍କା ବାଜ୍ୟାପ୍ତ କରାଯାଇ ପୁନଃ ଟେଣ୍ଡର ଆହ୍ୱାନ କରାଯିବ । ମାତ୍ର କୌଣସି ସ୍ଥଳେ ସରକାରୀ ମୂଲ୍ୟରୁ କମ ରେ ଦିଆଯିବ ନାହିଁ ।

ପ୍ରକାଶ ଥାଉକି ନିଲାମ ଗ୍ରହଣ କିମ୍ବା ନାକଚ କରିବା ଅଧିକାର ନିମ୍ନ କର୍ତ୍ତୃପକ୍ଷଙ୍କ ଠାରେ ସୁରକ୍ଷିତ ଅଛି । ଏହି ନିଲାମରେ କେବଳ ପାଟଣାଗଡ ଉପଖଣ୍ଡର ସ୍ଥାୟୀ ବାସିନ୍ଦାମାନଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ଖୁଲାପକାରୀ ମାନଙ୍କୁ ଦିଆଯିବ ନାହିଁ ।

ନିଲାମ ହେବାକୁ ଥିବା ସଂପତ୍ତିର ତାଲିକାର ଏକ କିତା ନକଲ ଏଥି ସହିତ ସଂଲଗ୍ନ କରାଗଲା ।

ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ପାଟଣାଗଡ

ନିଲାମ ହେବାକୁ ଥିବା ଜଗନ୍ନାଥ ମନ୍ଦିର, ମଣ୍ଡଳ ର ସମ୍ପତ୍ତି ର ନିଲାମ(୨୦୨୪-୨୨ ଠାରୁ ୨୦୨୮-୨୯) (ପାଞ୍ଚ ବର୍ଷ)

| କ୍ର.ନଂ. | ଖତିୟାନ ନଂ. | ପ୍ରଟ ନଂ | କିସମ | ଏରିଆ | ମୋଟ ଏରିଆ | ଜମି ର ନାମ | ଧାର୍ଯ୍ୟ ସରକାରୀ ମୂଲ୍ୟ ଟ. | ଅମାନତ ରାଶି ଟ. |
|---|---|---|---|---|---|---|---|---|
| 1 | 53 | 1009 | ବାହାଲ ପାଣି ଦୁଇ | ଏ 1.470 ଡି | ଏ 2.620 ଡି. | ପିପଲ ବାହାଲ | 98,445/- | 9,845/- |
| | 53 | 1008 | ବାହାଲ ମାମୁଲି | ଏ 0.800 ଡି | | | | |
| | 53 | 1006 | ଆଟ ମାମୁଲି | ଏ 0.350 ଡି | | | | |
| 2 | 53 | 983 | ଆଟ ମାମୁଲି | ଏ 1.700 ଡି | ଏ 12.960 ଡି | ହାଇସ୍କୁଲ ଆଟ | 29,271/- | 2,927/- |
| | 53 | 984 | ଆଟ ମାମୁଲି | ଏ 0.140 ଡି | | | | |
| | 53 | 986 | ଆଟ ମାମୁଲି | ଏ 5.000 ଡି | | | | |
| | 53 | 987 | ଆଟ ମାମୁଲି | ଏ 6.120 ଡି | | | | |
| 3 | 53 | 1023 | ବାହାଲପାଣି ଦୁଇ | ଏ 0.640 ଡି | ଏ 2.420 ଡି | ଘୁଷୁରା ଭାଗ | 1,18,283/- | 11,828/- |
| | 53 | 1022 | ବାହାଲ ପାଣି ଦୁଇ | ଏ 1.780 ଡି | | | | |
| 4 | 53 | 1545 | ବାହାଲ ପାଣି ଦୁଇ | ଏ 0.730 ଡି | ଏ 0.730 ଡି | ଜାଗରି ବାହାଲ | 27,737/- | 2,774/- |
| 5 | 53 | 988 | ଆଟ ମାମୁଲି | ଏ 6.440ଡି | ଏ 10.740ଡି | ଆମ୍ବତୋଟା ଆଟ | 3,03,226/- | 30,323/- |
| | 53 | 989 | ଆଟ ମାମୁଲି | ଏ 4.300ଡି | | | | |
| 6 | 53 | 314 | ଆଟ ମାମୁଲି | ଏ 0.350 ଡି | ଏ 3.260 ଡି | ଗୋବର ଆଟ | 47,333/- | 4,733/- |
| | 53 | 283 | ଆଟ ମାମୁଲି | ଏ 0.680 ଡି | | | | |
| | 53 | 275 | ଆଟ ମାମୁଲି | ଏ 2.230 ଡି | | | | |
| 7 | | | | | ଏ 3.590 ଡି | ସର ଭାଗ | 88,682/- | 8,868/- |
| | | | | ମୋଟ | ଏ 36.32 ଡି | | 7,12,977/- | |

ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ପାଟଣାଗଡ

# ଜଉମୁଦ ଟେଣ୍ଡର ନିମନ୍ତେ ଆବେଦନ ଫର୍ମ
## ଆର୍ଥିକ ବର୍ଷ ୨୦୨୫-୨୬ ଠାରୁ ୨୦୨୯-୩୦ (ପାଞ୍ଚ ବର୍ଷ) ପାଇଁ

୧. ମନ୍ଦିର ନାମ :

୨. ଆବେଦନକାରୀଙ୍କ ନାମ :

୩. ପିତାଙ୍କ ନାମ :

୪. ଗ୍ରାମ :

୫. ପୋ. ଅ. :

୬. ଥାନା :

୭. ଧାର୍ଯ୍ୟ ସରକାରୀ ମୂଲ୍ୟ :

୮. ସମ୍ପତ୍ତିର ନାମ :

୯. ଅମାନତ ଜମା :

୧୦. ଡିମାଣ୍ଡ ଡ୍ରାଫ୍ଟ ନଂ/ବ୍ୟାଙ୍କର୍ସ ଚେକ ନଂ:............................ତା..............................

୧୧.ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟ(ଅଙ୍କରେ)..........................................................................

୧୨.ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟ(ଲିଖିତ ଆକାରରେ).............................................................
........................................................................................................

## ଘୋଷଣା

ମୁଁ,ଶ୍ରୀ..........................................................................................................
ଗ୍ରାମ..........................................................ପୋ.ଅ.................................................,ଜିଲ୍ଲା-ବଲାଙ୍ଗିର ଘୋଷଣା କରୁଅଛି ଯେ, ସମସ୍ତ ଟେଣ୍ଡର ସମ୍ବନ୍ଧୀୟ ସର୍ତ୍ତାବଳିକୁ ମାନିବି ଓ ଆଇନ ଅନୁଯାୟୀ ସମସ୍ତ ଦେୟ ଠିକ ସମୟରେ ପଇଠ କରିବି । ଏହାର ଅମାନ୍ୟ କଲେ ମୋ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

ଟେଣ୍ଡର ଆବେଦନକାରୀଙ୍କ ସମ୍ପୂର୍ଣ୍ଣ ଦସ୍ତଖତ

ଜ୍ଞାପନ ସଂଖ୍ୟା ୨୧୫୭ ତାରିଖ 30.06.2025

ଏହାର ଏକକିତା ନକଲ ଦେବୋତ୍ତର କମିଶନର, ଓଡିଶା ଭୁବନେଶ୍ୱର ସହ ଯୁଗ୍ମ ଦେବୋତ୍ତର କମିଶନର,ସମ୍ବଲପୁର/ଜିଲ୍ଲାପାଳ,ବଲାଙ୍ଗିର/ସମସ୍ତତହସିଲଦାର/ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ପାଟଣାଗଡ ଉପଖଣ୍ଡ ତଥା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କର ନିଜସ୍ୱ ନୋଟିସ୍ ବୋର୍ଡ ରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା।

ଏହାର ଏକକିତା ନକଲ ମ୍ୟାନେଜର ମଣ୍ଡଳ ମନ୍ଦିରଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ଓ ନିର୍ଦ୍ଦେଶଦିଆଗଲା ଯେ ବିଜ୍ଞାପନଟି ମଣ୍ଡଳ ମନ୍ଦିର ଠାରେ ଛାପିବେ ।

ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ପାଟଣାଗଡ

ଜ୍ଞାପନ ସଂଖ୍ୟା ୨୧୬0 ତାରିଖ 30.06.2025

ଏହାର ଏକକିତା ନକଲ DistrictInformationOfficer,NIC,Balangir ଙ୍କ ଅବଗତି ନିମନ୍ତେ ଓ ବିଜ୍ଞାପନକୁ ୱେବ ସାଇଟରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ପାଟଣାଗଡ